

ଯାହାର ଘନିଷ୍ଠ ବନ୍ଧୁମାନେ ଭଲ ଲୋକ ଓ ଶତ୍ରୁମାନେ ନିଶ୍ଚୟ ଖରାପ ଲୋକ, ସେ ହିଁ ହେଉଛି ପ୍ରକୃତରେ ଭଲ ଲୋକ।
-ଜୋହାନ୍ନ କାସ୍‌ପର୍ ଲାଭାଟର



## ସଂକ୍ଷେପରେ

### ଆଜି ବାଲିମେଳା ଜଳଭଣ୍ଡାରର ୨ ଗେଟ୍ ଖୋଲିବ

ମାଲକାନଗିରି,୨୮।୮(ଡି.ଏନ.ଏ.): ମାଲକାନଗିରି ଜିଲା ବାଲିମେଳା ଜଳଭଣ୍ଡାରର ୨ଟି ଗେଟ୍ ବୁଧବାର ଖୋଲିବ। ଡ୍ୟାମରେ ଜଳସ୍ତର କ୍ରମଶଃ ବୃଦ୍ଧି ପାଉଥିବାରୁ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ୨ଟି ଗେଟ୍ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଗେଟ୍ ଖୋଲିଲେ ୨୦ ହଜାର କ୍ୟୁସେକ୍ ଜଳ ନିଷ୍କାଷିତ ହେବ। ଏଥିପାଇଁ ଜନସାଧାରଣ ଭୟଭିତ ନ ହେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ମାଛ ଧରିବାକୁ ନଦୀ ଓ ଡ୍ୟାମକୁ ନ ଯିବାକୁ ବାରଣ କରାଯାଇଛି। ଅନ୍ୟପକ୍ଷରେ ଏଥିଯୋଗୁ ନଦୀର ଜଳସ୍ତର ବୃଦ୍ଧି ପାଇବା ଆଶଙ୍କା ଥିବାରୁ ଦୋରାଗୁଡା, ଗୁଣ୍ଡାୱାଡା ଓ ନୂଆଗୁଡା ପଞ୍ଚାୟତବାସୀଙ୍କୁ ସତର୍କ ରହିବାକୁ ପ୍ରଶାସନ କହିଛି। ବାଲିମେଳା ଜଳଭଣ୍ଡାରର ଏଫଏଲଆର(ଫୁଲ ରିର୍ଭଏର ଲେବଲ) ୧୫୧୬ ଫୁଟ୍ ଥିବା ବେଳେ ଏବେ ଜଳସ୍ତର ୧୫୧୧ ଫୁଟ୍ ରହିଛି।

### ପୂର୍ବ ଜୋନ୍ ସୁଟିଂରେ ଉଷାରାଣୀଙ୍କୁ ସ୍ୱର୍ଣ୍ଣ



ଦାମନଯୋଡ଼ି,୨୮।୮(ଡି.ଏନ୍.ଏ.): ଜାତୀୟ ରାଇଫଲ ଆସୋସିଏସନ ପକ୍ଷରୁ ପଶ୍ଚିମବଙ୍ଗର ଆସାନସୋଲଠାରେ ଗତ ୧୮ରୁ ୨୧ ପର୍ଯ୍ୟନ୍ତ ତୃତୀୟ ପୂର୍ବଜୋନ୍ ସୁଟିଂ ଚାମ୍ପିୟନସିପ୍ ଆୟୋଜିତ ହୋଇଛି। ଏଥିରେ ଦାମନଯୋଡ଼ି ରାଇଫଲ ଆସୋସିଏସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଉଷାରାଣୀ ବେହେରା ପଏଣ୍ଟ ୨୨ (୦.୨୨) ସ୍ମଲ ବୋର ସ୍ପୋର୍ଟସ ରାଇଫଲ ପ୍ରୋନ୍ ଚାମ୍ପିୟନସିପ୍ ୫୦ ମିଟର ମହିଳା ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣପଦକ ବିଜୟିନୀ ହୋଇଛନ୍ତି। ଅବିଭକ୍ତ କୋରାପୁଟରୁ ତଥା ଓଡ଼ିଶାରୁ ଏହି ବର୍ଗରେ ଉଷାରାଣୀ ପ୍ରଥମଥର ପାଇଁ ସ୍ୱର୍ଣ୍ଣପଦକ ଜିତିଥିବା କୁହାଯାଇଛି। ଏହି ପ୍ରତିଯୋଗିତାରେ ଝାଡ଼ଖଣ୍ଡ, ଛତିଶଗଡ଼, ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଆଣ୍ଡାମାନ ଓ ନିକୋବର କେନ୍ଦ୍ରଶାସିତ ଅଞ୍ଚଳ ତଥା ଏହି ପୂର୍ବ ଜୋନ୍‌ରେ କେନ୍ଦ୍ରିୟ ଅର୍ଦ୍ଧସାମରିକ ବାହିନୀ ଓ ଅନ୍ୟ ପ୍ରକଳ୍ପରେ କାର୍ଯ୍ୟରତ ବିଭିନ୍ନ ବିଭାଗରେ ଭାଗ ନେଇଥିଲେ। ଉଷାରାଣୀ ଏଠାକାର ଦିଲ୍ଲୀ ପବ୍ଲିକ ସ୍କୁଲରୁ ପାସ୍‌କରି ଭୁବନେଶ୍ୱରର ଏଏସ୍‌ବିଏମ୍‌ରେ ମ୍ୟାନେଜମେଣ୍ଟ ପଢୁଛନ୍ତି। ଏହି ସଫଳତାରେ ପରେ ତାଙ୍କୁ ଓଡ଼ିଶା ରାଇଫଲ ଆସୋସିଏସନ ସମ୍ପାଦକ ହରି ପଟ୍ଟନାୟକ, କୋରାପୁଟ ଜିଲା ରାଇଫଲ ଆସୋସିଏସନର ଅନୁପ ପାତ୍ରଙ୍କ ସହ କ୍ରୀଡ଼ାପେମ୍ରୀ, ଦାମନଯୋଡ଼ିର ଶିକ୍ଷୟିତ୍ରୀ ଶିକ୍ଷକ, ନାଲକୋ ଅଧିକାରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସର୍ବଭାରତୀୟ ଜି.ଭି. ମାୱ୍ଲାଙ୍କର ସୁଟିଂ ଚାମ୍ପିୟନସିପ୍ ଯାହା ଚଳିତ ୩୦ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ଚେନ୍ନାଇଠାରେ ଅନୁଷ୍ଠିତ ହେବ, ସେଥିରେ ଉଷାରାଣୀ ଭାଗନେବେ।

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ଶେଷ

କୋରାପୁଟ,୨୮।୮(ସ୍ୱ.ପ୍ର.): କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୦ମ ପ୍ରତିଷ୍ଠା ଦିବସ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ବୁଧବାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସୁନାବେଡ଼ାସ୍ଥିତ ସ୍ଥାୟୀ କ୍ୟାମ୍ପସଠାରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି । ବୁଧବାର ପୂର୍ବାହ୍ନରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଚାନସେଲର ପି.ଭି. କ୍ରିଷ୍ଣା ଭଟ୍ଟ ମୁଖ୍ୟ ଅତିଥି, ଭାରତ ସରକାରଙ୍କ ପକ୍ଷରୁ ସୁଇଡେନରେ ରହିଥିବା ପୂର୍ବତନ ରାଷ୍ଟ୍ରଦୂତ ଅଶୋକ ଶାଜହାନର ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ଫଗୁନାଥ ଭୋଇ ସୂଚନା ଦେଇଛନ୍ତି। ଏହି ଅବସରରେ 'ଇଣ୍ଡିଆ ଆଣ୍ଡ ଦି ୱାଲର୍ଡ଼' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଏଥିରେ ଅଧକ୍ଷତା କରିବେ।

■କୋଟପାଡରେ 'ଆମ ଗାଁ, ଆମ ବିକାଶ' କାର୍ଯ୍ୟକ୍ରମ

# ୧୫୮ ପ୍ରକଳ୍ପ ପାଇଁ ୪.୩୪ କୋଟି ମଞ୍ଜୁର



କୋଟପାଡ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।



ଲକ୍ଷ୍ମୀପୁର ସମାବେଶରେ ଲୋକପ୍ରତିନିଧି, ଅଧିକାରୀ ଓ ସ୍ଥାନୀୟ ଜନତା।

କୋଟପାଡ଼,୨୮।୮(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ ଦଶହରା ପଡିଆରେ ମଙ୍ଗଳବାର 'ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଛି। ଏଥିରେ କୋଟପାଡ଼ ବ୍ଲକର ୧୭ଟି ପଞ୍ଚାୟତରୁ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଲୋକେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂରେ ସରପଞ୍ଚମାନଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ୧୭ଟି ବ୍ଲକର ୯୭ଟି ଗ୍ରାମର ଉନ୍ନତି ପାଇଁ ୪କୋଟି ୩୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୫୮ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ବିଧାୟକ ଚନ୍ଦ୍ରଶେଖର ମାଝି, କୋରାପୁଟ ଆଦିବାସୀ ସଂଘ ସଭାପତି କମଲୁ ଜାନି, ଓଡ଼ିଶା ଖଦି ବୋର୍ଡ଼ ଅଧ୍ୟକ୍ଷ ତେଜେଶ୍ୱର ପରିଡା, ବିଡିଓ ବିଶ୍ୱଜିତ ଚନ୍ଦ୍ର ବର୍ମନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଟପାଡ଼ ବିଜେଡି କର୍ମୀଙ୍କ ସମେତ ବ୍ଲକ ପ୍ରଶାସନର ସମସ୍ତ କର୍ମକର୍ତ୍ତା, ସମସ୍ତ ପଞ୍ଚାୟତ ଆଶାକର୍ମୀ, ଏସ୍‌ଏଚ୍‌ଜି, ମିଶନଶକ୍ତି ଗ୍ରୁପ, ଅଙ୍ଗନୱାଡି କର୍ମୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ୧୭୩ ପ୍ରକଳ୍ପ ପାଇଁ ୩ କୋଟି ୪୧ ଲକ୍ଷ

**ଲକ୍ଷ୍ମୀପୁର ବ୍ଲକ**

ଲକ୍ଷ୍ମୀପୁର,୨୮।୮

ଲକ୍ଷ୍ମୀପୁର ବ୍ଲକ ପକ୍ଷରୁ ନିକଟସ୍ଥ ଖେଳପଡ଼ିଆରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବ୍ଲକରେ ୧୭୩ଟି ପ୍ରକଳ୍ପ ପାଇଁ ୩ କୋଟି ୪୧ ଲକ୍ଷ ଟଙ୍କା ଘୋଷଣା କରିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଏମ୍‌ପି ଝିନ୍ନ ହିକ୍କା, ସ୍ଥାନୀୟ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ଯୋଗଦେଇ ୧୦ ଜଣ ନୂଆ ହିତାଧିକାରୀଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଭତ୍ତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ଶିକ୍ଷା, ଜଳ, ପରିମଳ, ଶିଶୁ ବିକାଶ, କୃଷି, ଉଦ୍ୟାନ ବିଭାଗ ପକ୍ଷରୁ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ୱାଟରସେଡ୍ ପିଡି ଭବାନୀଶଙ୍କର କାଲେଏମା, କଫି ବୋର୍ଡ଼ ଡେପୁଟି ଡାଇରେକ୍ଟର ଦୟାନିଧି ବାଘ, ବିଡିଓ ବେଣୁଧର ଶବର, ତହସିଲଦାର ସୁବାସ ଚନ୍ଦ୍ର ରଇତ, ପଞ୍ଚାୟତ ସମିତି ଅଧ୍ୟକ୍ଷତା ସୁୱାଇ କୁଲେସିକା, ଜିଲା ପରିଷଦ ସଭ୍ୟ ପ୍ରେମଚନ୍ଦ୍ର ଡଙ୍ଗ୍ରି, ପୁଷ୍ପା କୌଶଲ୍ୟା, ଜିଲା ପରିଷଦ ଅଧ୍ୟକ୍ଷା ପ୍ରଜୁ ଜାନି, ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ଓଡ଼ିଶା ସମବାୟ ସଦସ୍ୟ ରାଧେଶ୍ୟାମ ଜାନି, ଆଦିବାସୀ ଉନ୍ନୟନ ସଭ୍ୟ ଦାସି ମିଣିଆକା, ପାରଦା କୁଲେସିକା, ପଞ୍ଚାନନ ଟାକ୍ରି ଯୋଗ ଦେଇଥିଲେ। ଶେଷରେ ତୁନପାର ପଞ୍ଚାୟତ ସରପଞ୍ଚ କୁନି ଧାଙ୍ଗଡ଼ାମାଝି ଧନ୍ୟବାଦ ଦେଇଥିଲେ।

## ପୂଜ୍ୟପୂଜା ସଂସଦର ବାର୍ଷିକ ଉତ୍ସବ

ଜୟପୁର,୨୮।୮(ନି.ପ୍ର./ଡି.ଏନ୍.ଏ.)




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଜୟପୁର ପୂଜ୍ୟପୂଜା ସଂସଦର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ସ୍ଥାନୀୟ ମଧୁମତି ହୋଟେଲରେ ଆୟୋଜିତ ହୋଇଛି । ଇଂ ଭାସ୍କର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାହିତ୍ୟିକ ତଥା ଅବସରପ୍ରାପ୍ତ ମୁଖ୍ୟ ଜିଲା ଚିକିତ୍ସାଧିକାରୀ ସୁରେନ୍ଦ୍ରନାଥ ଦାସ ଏବଂ ମୁଖ୍ୟବକ୍ତା ଭାବେ ଜୟପୁର ମଡର୍ନ ଇଂରାଜି ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ତଥା ନିର୍ଦ୍ଦେଶିକା କୁମୁଦମାଳା ମହାନ୍ତି ଯୋଗ ଦେଇଥିଲେ । ସଙ୍ଗୀତ ଗାନ, ସ୍ୱାଗତ ଭାଷଣ ପରେ ପ୍ରମୋଦ ରାଉଳ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବେଦମନ୍ତ୍ର ପାଠ କରିଥିଲେ ଯଜ୍ଞେଶ୍ୱର ପଣ୍ଡା। ଏହି ଅବସରରେ ପୂଜ୍ୟପୂଜା ସଂସଦର ସାହିତ୍ୟ ତୁଙ୍ଗିର ଆୟୋଜନ କରାଯାଇଥିଲା । ସଂସଦର ସମ୍ପାଦକ ତପନ କିରଣ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ସଂସଦ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୨୦ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

## ମଦ ବନ୍ଦ ପାଇଁ ଏକାଠି ହେଲେ ମହିଳା

ବୁଗୁଡ଼ା,୨୮।୮(ଡି.ଏନ.ଏ.)

ବୁଗୁଡ଼ା ଥାନା ଚିରିକିପଡ଼ା ଗ୍ରାମରେ ମଦ ବନ୍ଦ ପାଇଁ ମଙ୍ଗଳବାର ଶତାଧିକ ମହିଳା ଏକାଠି ହୋଇଛନ୍ତି। ଏଥିପାଇଁ ଚିରିକିପଡ଼ା ଶିବ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମଦ ବିକ୍ରୟ ସହ ମଦ ପିଇବା ଦ୍ୱାରା ବିଭିନ୍ନ ଅସାମାଜିକ କାର୍ଯ୍ୟ ହେବା ସହିତ ଗ୍ରାମ ଓ ପରିବାରରେ ବିଶୃଙ୍ଖଳା ବାତାବରଣ ସୃଷ୍ଟି ହେଉଛି। ଏନେଇ ଶତାଧିକ ମହିଳା ଗ୍ରାମରେ ମଦ ବିକ୍ରୟ ବନ୍ଦ ଲାଗି ପ୍ରତିଜ୍ଞା କରିଥିଲେ। ଗ୍ରାମରେ ଯଦି କୌଣସି ବ୍ୟକ୍ତି ମଦ ପିଇ ଗଣ୍ଡଗୋଳ କରେ କିମ୍ବା ଅଶାନ୍ତି ସୃଷ୍ଟି କରେ ତାଙ୍କୁ ପୋଲିସରେ ଦେବା ପାଇଁ ମହିଳାମାନେ ନିଷ୍ପତ୍ତି ନେଇଛନ୍ତି।




କୋରାପୁଟ ସମାଚାର ପକ୍ଷରୁ ସହାୟତା ରାଶି ଚେକ୍ ଆକାରରେ ପ୍ରଶାସନକୁ ଦିଆଯାଉଛି।

## କେରଳ ପାଇଁ ଲକ୍ଷାଧିକ ଟଙ୍କା ସହାୟତା

କୋରାପୁଟ,୨୮।୮(ସ୍ୱ.ପ୍ର.)

କେରଳର ବନ୍ୟା ପୀଡ଼ିତଙ୍କ ପାଇଁ ଅବିଭକ୍ତ କୋରାପୁଟ ସମାଚାର ପକ୍ଷରୁ ୧ ଲକ୍ଷ ୧ହଜାର ୧୧୧ ଟଙ୍କାର ସହାୟତା ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଅବିଭକ୍ତ କୋରାପୁଟ ସମାଚାର ପକ୍ଷରୁ ସଂଗୃହୀତ ଏହି ଟଙ୍କା ଏକ ଚେକ ମାଧ୍ୟମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ମଙ୍ଗଳବାର ପୂର୍ବାହ୍ନରେ ପ୍ରଦାନ କରାଯାଇଛି । ଅବିଭକ୍ତ କୋରାପୁଟ ସମାଚାରର ବହୁ ସ୍ୱେଚ୍ଛାସେବୀ ନିଜସ୍ୱ ଉଦ୍ୟମରେ ଏହି ଟଙ୍କା ସଂଗ୍ରହକରି ପ୍ରଦାନ କରିଛନ୍ତି।

## ଗଞ୍ଜାମର ୨୫ଶହ ସ୍କୁଲରେ ନାହିଁ ଖେଳପଡ଼ିଆ

ବ୍ରହ୍ମପୁର ଅଫିସ,୨୮।୮

ଗଞ୍ଜାମ ଜିଲାର ପ୍ରାୟ ୨୫ଶହ ସରକାରୀ ସ୍କୁଲରେ ଖେଳ ପଡ଼ିଆ ନାହିଁ । ପିଲାମାନଙ୍କ ମଧ୍ୟରେ ପ୍ରବଳ କ୍ରୀଡ଼ା ପ୍ରତିଭା ଭରି ରହିଥିଲେ ମଧ ପ୍ରତିଭା ପ୍ରଦର୍ଶନ ପାଇଁ ଆବଶ୍ୟକ ଖେଳ ପଡ଼ିଆର ଅଭାବ ଦେଖାଦେଇଛି। ଯେଉଁ ଗଞ୍ଜାମ ଜିଲା ପୂର୍ବରୁ ବହୁ ପ୍ରତିଭାବାନ୍ ଖେଳାଳିଙ୍କୁ ରାଜ୍ୟ କ୍ରୀଡ଼ା ଜଗତକୁ ଭେଟି ଦେଇଛି, ସେହି ଜିଲାରେ ଆଉ ନୂତନ ପ୍ରତିଭା ସୃଷ୍ଟି ହୋଇପାରୁ ନାହାନ୍ତି । ଫଳରେ ସ୍କୁଲଗୁଡ଼ିକରେ କ୍ରୀଡ଼ାର ଅପମୃତ୍ୟୁ ହେବାରେ ଲାଗିଛି ।

ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓପେପା) ଉପଲବ୍ଧ ତଥ୍ୟ ଚିନ୍ତାଜନକ। ମିଳିଥିବା ସୂଚନା ଅନୁଯାୟୀ, ଗଞ୍ଜାମ ଜିଲାରେ ରହିଛି ୩୭୯୮ସରକାରୀ ସ୍କୁଲ । ସେଥିରୁ ୨୫୧୩ ସ୍କୁଲରେ ଖେଳପଡ଼ିଆ ନାହିଁ। ଅର୍ଥାତ୍ ମାତ୍ର ୧୨୮୫ ସ୍କୁଲରେ ଖେଳ ପଡ଼ିଆ ରହିଛି । ବ୍ଲକ ଅନୁଯାୟୀ ଦେଖିଲେ ପାତ୍ରପୁର ଏବଂ ଅନ୍ୟ କେତେକ ଅନୁନ୍ନତ ବ୍ଲକରେ ସ୍ଥିତି ଶୋଚନୀୟ ରହିଛି । ପାତ୍ରପୁର ବ୍ଲକରେ ୨୦୨ସ୍କୁଲ ଥିବା ବେଳେ ସେଥିରୁ ୧୫୨ ସ୍କୁଲରେ ଖେଳିବା ପାଇଁ ପଡ଼ିଆ ନାହିଁ । ଦିଗପହଣ୍ଡି ବ୍ଲକରେ ୨୩୫ ସରକାରୀ ସ୍କୁଲ ଥିବା ବେଳେ ସେଥିରୁ ୧୪୬ ସ୍କୁଲରେ ଖେଳପଡ଼ିଆ ଆଦୌ ନାହିଁ । ସେହିଭଳି ଧରାକୋଟ ବ୍ଲକରେ ୧୭୯ରୁ ୧୩୨ସ୍କୁଲରେ ଖେଳ ପଡ଼ିଆ ନ ଥିବା ବେଳେ, ଖଲ୍ଲିକୋଟ ବ୍ଲକରେ ୨୦୨ରୁ ୧୪୦, ଜଗନ୍ନାଥପ୍ରସାଦ ବ୍ଲକରେ ୨୧୪ରୁ ୧୨୭, କୁକୁଡ଼ାଖଣ୍ଡି ବ୍ଲକରେ ୧୪୮ରୁ ୧୧୬ ସ୍କୁଲରେ ଖେଳ ପଡ଼ିଆ ନାହିଁ ।

## ହାଟପଦା, ବନ୍ଧଘାଟ ବୁଲିଲେ ବିଧାୟକ

ଜୟପୁର,୨୮।୮(ନି.ପ୍ର.)

**ସମସ୍ୟା ସମାଧାନ ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ**



ବିଧାୟକ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

ଜୟପୁର ପୌରାଞ୍ଚଳର ହାଟପଦା ଓ ବନ୍ଧଘାଟ ଅଞ୍ଚଳ ପରିଦର୍ଶନ କରିଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି। ୭ ଓ ୧୫ ନଂ ୱାର୍ଡ଼ରେ ଏହି ଦୁଇଟି ଅଞ୍ଚଳ ରହୁଥିବା ବେଳେ ନାଳ ରାସ୍ତା ନଥିବା ସହ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଲଗାଣ ବର୍ଷା ଯୋଗୁ ଏଠାରେ ବହୁ ଘର ଭାଙ୍ଗିଛି। ପାନୀୟ ଜଳ ମଧ ଠିକ୍ ଭାବେ ମିଳୁନାହିଁ। କେତେକ ଗରିବ ଲୋକଙ୍କୁ ବିଦ୍ୟୁତ ସଂଯୋଗ ମିଳିନଥିବା ବେଳେ ଅନ୍ୟ ସ୍ଥାନରେ ବିଦ୍ୟୁତ ସେବାରେ ସମସ୍ୟା ରହିଛି। ଏନେଇ ସେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ତହସିଲଦାର, ପିଏଚ୍‌ଡି ସହକାରୀ ଯନ୍ତ୍ରୀ, ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସହ ଫୋନ୍‌ରେ କଥାହୋଇ ଉପରୋକ୍ତ ସମସ୍ୟା ସୁଧାରିବା ପାଇଁ ବିଧାୟକ ବାହିନୀପତି ପରାମର୍ଶ ଦେଇଛନ୍ତି। ଗସ୍ତବେଳେ ନିହାର ବିଷୋୟୀ, ବିଶ୍ୱଜିତ ଦଣ୍ଡସେନା, ବଳରାମ ପାଣିଗ୍ରାହୀ, ଏସ୍. ଦୁର୍ଗା ଶର୍ମା, ଗଙ୍ଗା ସାହୁ ଉପସ୍ଥିତ ଥିଲେ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ପ୍ଲାବନ



@ ବିଘ୍ନରାଜ



@ ହେମନ୍ତ



@ ଦିବାକର



@ କେଶବ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ଅଭିଭାବକ ସମ୍ମିଳନୀ



କୋଡିଙ୍ଗା,୨୮।୮(ଡି.ଏନ.ଏ)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମଣୀ ରଞ୍ଜନ ଗୋରଡା ସଭାପତିତ୍ୱ କରିଥିଲେ। ଛାତ୍ରଛାତ୍ରୀଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଫାଇଦା କିଭଳି ଛାତ୍ରୀଛାତ୍ର ନେଇପାରିବେ ସେ ନେଇ ଆଲୋଚନା ହୋଇଥିଲା। ବିଦ୍ୟାଳୟ ସହ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷକ କିଭଳି ସୁସମ୍ପର୍କ ରଖି ଶିକ୍ଷାଲାଭ କରିବେ ସେ ଦିଗରେ ଛାତ୍ରଛାତ୍ରୀ ସମୟର ସଦୁପଯୋଗ କରି ଶିକ୍ଷାଲାଭ କରିପାରିବେ ସେ ନେଇ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀରେ ପ୍ରଧାନଶିକ୍ଷକ ସମେତ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଡମାଇ ଭତରା, ଉଚ୍ଚ ବିଦ୍ୟାଳୟ ପରିଚାଳନା ସଭାପତି ଦିବାକର ଗଣ୍ଡା, ପୂର୍ବତନ ବିଦ୍ୟାଳୟ ପରିଚାଳନା ସଭାପତି ଜିତେନ୍ଦ୍ର ବାଘ, ବାବୁଲି ଗଣ୍ଡ, ସହଶିକ୍ଷକ ଜ୍ୟୋତି ପ୍ରକାଶ ଯୋଗଦେବ, ତପନ କୁମାର ଦାସ, ମନୋଜ ବାରି, ଏମ.ଏନ.ଏସ. ଆଚାରୀ, ସୀମାଞ୍ଚଳ ସୁବୁଦ୍ଧି, ନୀଳକଣ୍ଠ ମଜୁମଦାର, ସତ୍ୟ ପ୍ରକାଶ କର, ସନ୍ତୋଷ କୁମାର ପଣ୍ଡା, ସାଗରିକା ବାରିକ ସହ ଶତାଧିକ ଅଭିଭାବକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ପ୍ରଥମ ବଣ୍ଡା ପୋଲିସ ହାବିଲଦାରଙ୍କ ପରଲୋକ

ମାଲକାନଗିର,୨୮।୮(ଡି.ଏନ.ଏ.)- ମାଲକାନଗିରି ଜିଲାର ବଣ୍ଡା ସମ୍ପ୍ରଦାୟର ଜଣେ ପୋଲିସ ହାବିଲଦାର ସନ୍ୟାସୀ କିର୍ସାନୀଙ୍କ ମଙ୍ଗଳବାର ହଦ୍‌ଘାତରେ ପରଲୋକ ହୋଇଛି। ସେ ବଣ୍ଡା ସମ୍ପ୍ରଦାୟର ପ୍ରଥମ ପୋଲିସ କର୍ମଚାରୀ ରୂପେ ଜଣାଶୁଣା ଥିଲେ। ସକାଳେ ମାଲକାନଗିରିସ୍ଥିତ ତାଙ୍କ ବାସଭବନରେ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଜିଲା ସଦର ମହକୁମା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତି ଅକ୍ଷୟ ନାୟକ, ଉପ ସଭାପତି ସୁବାଷ ଶିଶା, ସମ୍ପାଦକ ଗୁପ୍ତ ପ୍ରସାଦ ମାଝୀଙ୍କ ସମେତ ଅନ୍ୟମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ତାଙ୍କ ପୈତୃକ ଗ୍ରାମ ଖଇରପୁଟକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

■ କଲେଜରେ ଅନିୟମିତତା ଘଟଣା

# ଅନଶନରେ ବସିବେ ଜିଲା ପରିଷଦ ସଭ୍ୟ

ମାଥିଲି , ୨୮।୮ (ଡି.ଏନ.ଏ)

ମାଲକାନଗିରି ଜିଲା ମାଥିଲିସ୍ଥିତ ଉତ୍କଳମଣି ଗୋପବନ୍ଧୁ ଜୁନିୟର ମହାବିଦ୍ୟାଳୟରେ ଅନିୟମିତତା ଘଟଣାରେ ତଦନ୍ତ ଏବଂ ସୁପରିଚାଳନା ଦାବିରେ ଜିଲା ପରିଷଦ ସଭ୍ୟ ବାଲାରାଜୁ କାପେ ଅନଶନରେ ବସିବେ। ଦୀର୍ଘଦିନ ହେବ ଏହି ମହାବିଦ୍ୟାଳୟରେ ଅନିୟମିତତା ଲାଗି ରହିଛି । ପ୍ରଶାସନ ତରଫରୁ କୌଣସି ତଦନ୍ତ କରାଯାଉନାହିଁ । ଏପରି ସ୍ଥଳେ ଗତ କିଛି ଦିନ ତଳେ କଲେଜ ପରିଚାଳନା କମିଟି ବେଆଇନ ଭାବେ କମିଟି ଗଠିତ ହୋଇଛି। ପରିଚାଳନା କମିଟି ଏବଂ ଅଧ୍ୟାପକମାନଙ୍କ ସଲାସୁତରାରେ ଏହି କମିଟି ହୋଇଥିବା କପେ ଅଭିଯୋଗ କରିଛନ୍ତି। ସର୍ବସମ୍ମତିକ୍ରମେ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗାଇଡ ଲାଇନ ଅନୁଯାୟୀ କମିଟି ଗଠନ ହେବା କଥା । ଏଠାରେ ତାହା ହୋଇନାହିଁ। କୌଣସି ବୈଠକ ନ ଡକାଇ କମିଟି କିଭଳି ଭାବେ ଗଠିତ ହୋଇଛି ବୋଲି କପେ ପ୍ରଶ୍ନ ଉଠାଇଛନ୍ତି । ଉତ୍କଳମଣି ଗୋପବନ୍ଧୁ ଜୁନିୟର କଲେଜରେ ପୂର୍ବରୁ ଛାତ୍ରୀଛାତ୍ରଙ୍କ ଅର୍ଥକୁ ନେଇ ଦୁର୍ନୀତି ହୋଇଥିବା ଅଭିଯୋଗ ରହିଛି । ଏଥିରେ କିଛି ଅଧ୍ୟାପକ ଏବଂ କମିଟି ସଦସ୍ୟମାନେ ସମ୍ପୃକ୍ତ ଅଛନ୍ତି । କଲେଜ ଅଧ୍ୟାପକମାନେ ମଧ୍ୟ ମାସ ମାସ ଧରି ନିଜ ଘରକୁ ଚାଲିଯାଉଛନ୍ତି । ଏହି କାରଣରୁ ଛାତ୍ରୀଛାତ୍ରଙ୍କ ପାଠପଢା ବ୍ୟାହତ ହେଉଛି । ମଙ୍ଗଳବାର ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ସତ୍ୟାସତ୍ୟ ତଦାରଖ କରିବାକୁ ଜିଲା ପରିଷଦ ସଭ୍ୟ କପେ କଲେଜକୁ ଯାଇଥିଲେ । ସେଠାରେ ଏ ନେଇ ପ୍ରଶ୍ନ କରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ପରେ ସେ ପ୍ରଶାସନ ତରଫରୁ ତଦନ୍ତ ଦାବି କରି କଲେଜ ସମ୍ମୁଖରେ ଅନଶନରେ ବସିବେ ବୋଲି କହିଛନ୍ତି । ଅନ୍ୟପକ୍ଷରେ କମିଟି ଗଠନ ନେଇ ଆଲୋଚନା ବେଳେ କଲେଜ ସଭାପତି କମିଟି ହୋଇ ନ ଥିବା ସଫେଇ ଦେଉଥିବା ବେଳେ ସମ୍ପାଦକ ଗତ ୮ରେ ନୂତନ ଭାବେ ପୁନର୍ବାର କମିଟି ଗଠିତ ହୋଇ ସାରିଥିବା କହିଛନ୍ତି ବୋଲି କପେ ପ୍ରକାଶ କରିଛନ୍ତି ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କରମ ଦଶା**
**ଯେ ଫଳ ଖାଇଲେ ସେ ଫଳ କଷା ।**

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମାଟି ପାଲଟିଯାଏ। ସେହିପରି ଭାଗ୍ୟ ସାଥ୍ ନ ଦେଲେ ମଣିଷ ହତାଶ ହୋଇଯିବା ସାର ହୋଇଥାଏ। ଭାଗ୍ୟ ମନ୍ଦ ପଡ଼ିଲେ କର୍ମଫଳ ମନ୍ଦ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଚ କାଚ ମଣି ମଣି**
**କିଣାବିକାରେ ଜଣାଜଣି ।**

ଦୂରରୁ ଦେଖିଲେ କାଚ ଓ ମଣି ଭିତରେ ବିଶେଷ ଫରକ ଜଣା ପଡ଼ି ନ ଥାଏ। ପରନ୍ତୁ କିଣାକିଣି କଲାବେଳେ କେଉଁଟା କାଚ ଓ କେଉଁଟା ମଣି, ତାହା ସହଜରେ ଜାଣି ହୋଇ ଯାଇଥାଏ। ପରୋକ୍ଷରେ ମଣିଷ କେତେ ଗୁଣବନ୍ତ ଓ ପ୍ରତିଭାବନ୍ତ, ତାହା ତା'ର କାର୍ଯ୍ୟଦକ୍ଷତାରୁ ହିଁ ଜଣାପଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମା' ଦଲବେଡିଏନ ପୂଜା ମହୋତ୍ସବ



ଭକ୍ତଙ୍କ ଗହଣରେ ପୂଜାରୀ ପୂଜାର୍ଚ୍ଚନା କରୁଛନ୍ତି ।

ଚନ୍ଦାହାଣ୍ଡି,୨୮।୮(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମା' ଦଲବେଡିଏନ ପୂଜା ମହୋତ୍ସବ ଦଲବେଡା ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂଜାରୀ ପାରମ୍ପରିକ ଭାବେ ପୂଜାପାଠ କରିଥିଲେ। ମନସ୍କାମନା ପୂରଣାର୍ଥେ ଶ୍ରଦ୍ଧାଳୁମାନେ ପୂଜା କରିଥିଲେ। ପାଟଖଲିଆ ପୂଜାରୀ ଉଗ୍ରସେନ ପୂଜାରୀଙ୍କ ନେତୃତ୍ୱରେ ପୂଜା ସମ୍ପନ୍ନ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ ,ଏମପି ପ୍ରତିନିଧି ପୁଣ୍ୟଶେଖର ପାରି ,ତ୍ରିନାଥ ଦାସ, ହର ପୂଜାରୀ,କଦମ ପୂଜାରୀ,ନୁରସିଂହ ମାଝୀ, ଚତୁର ଗହୀର ପ୍ରମୁଖ ଯୋଗ ଦେଇ ଦେଇଥିଲେ । ଶ୍ରଦ୍ଧାଳୁମାନେ ମା' ଦଲବଡ଼ିଏନ ଙ୍କ ପୂଜା ପୀଠ ଠାରେ ଏକ ନଳକୂପ ଓ ବର୍ଷା ଦିନରେ ରହିବା ପାଇଁ ଏକ କମ୍ୟୁନିଟି ଘର କରିବାକୁ ଜନପ୍ରତିନିଧିଙ୍କୁ ଜଣାଇଥିଲେ।

# ଚାଷୀଙ୍କୁ ଘାସମରା ଔଷଧ ବଣ୍ଟନ

ଡାବୁଗାଁ, ୨୮।୮ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମା ଠାରେ ୨୦୦ ହେକ୍ଟର ଜମିରେ ଧାଡିରୁଆ ଚାଷ ପାଇଁ ଚାଷୀଙ୍କୁ ମାଗଣା ଘାସମରା ଔଷଧ ପ୍ରଦାନ କରାଯାଇଛି । ପୂର୍ବ ଭାରତ ସବୁଜ ବିପ୍ଳବ ଯୋଜନାରେ ଏହି କିସମର ଧାନ ଚାଷରେ ଘାସକୁ ନିୟନ୍ତ୍ରଣ ପାଇଁ ଘାସମରା ଔଷଧ ଆବଶ୍ୟକ । ସେଥିପାଇଁ ଓଡିଶା କୃଷି ନିଗମର ଡାବୁଗାଁ ଠାରେ ଥିବା ପ୍ରାଧିକୃତ ବିକ୍ରୟ କେନ୍ଦ୍ର ସୁରଭିରେ ଔଷଧ ବିତରଣ କରାଯାଇଛି । ଏଥିରେ ପାପଡାହାଣ୍ଡି ଜିଲା କୃଷି ଅଧିକାରୀ ପ୍ରସାଦ କୁମାର ନାୟକ, ନବରଙ୍ଗପୁର ଜିଲା ଓଡିଶା କୃଷି ନିଗମ ପରିଚାଳକ ଲିଙ୍ଗରାଜ ପଟ୍ଟନାୟକ, ଆଗ୍ରୋନମିଷ୍ଟ ଉଦୀପ୍ତ କୁମାର ତ୍ରିପାଠୀ, ଡାବୁଗାଁ ଆତ୍ମା ସଭାପତି ରତ୍ନାକର ମାଝୀ, ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ, ଇଫକୋ କ୍ଷେତ୍ର ଅଧିକାରୀ ବିଶ୍ୱରଞ୍ଜନ ଜୟସିଂ, ପ୍ରାଧିକୃତ ବିକ୍ରେତା ପୀତାମ୍ବର ଜେନା, କୃଷି ଅଧିଦର୍ଶକ ପି. ନାଗଭୂଷଣ ରାଓ, କେ. ଭୀମା ରାଓ, ଗ୍ରାମ୍ୟ କୃଷି କର୍ମଚାରୀ ସୁଶାନ୍ତ କୁମାର ରାଉତ ଓ ଚାଷୀମାନେ ଉପସ୍ଥିତ ଥିଲେ । ଏଥିରେ ଔଷଧ ବିତରଣ କରାଯାଇ ତାର ପ୍ରୟୋଗ ପ୍ରଣାଳୀ ସୂଚିତ କରାଯାଇଥିଲା





ଚାଷୀଙ୍କୁ ଘାସମରା ଔଷଧ ବଣ୍ଟନ କରାଯାଉଛି ।

# ପାନାବେଡା କଲେଜରେ ଚାରାରୋପଣ

ଚନ୍ଦାହାଣ୍ଡି,୨୮।୮(ଡି.ଏନ.ଏ)

ନବରଙ୍ଗପୁର ଜିଲା ଅନ୍ତର୍ଗତ ଚନ୍ଦାହାଣ୍ଡି ପାନାବେଡା ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ଚାରାରୋପଣ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଯୋଗ ଦେଇ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ, ସମ୍ପାଦକ ଯୁବରାଜ ଜଗତ, ବଳରାମ ପଟ୍ଟନାୟକ, ବ୍ଲକ ସଭାପତି ଗୌରହରି ନାୟକ, କାର୍ତ୍ତିକ ବାଘ ପ୍ରମୁଖ ଉପସ୍ଥିତ ରହି କଲେଜ ପରିସର ମଧ୍ୟରେ ୬ଶହ ଚାରାରୋପଣ କରିଥିଲେ। ଆମ୍ବ, ଅଁଳା, ଅମୃତ ଭଣ୍ଡା ସହ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ମଧ୍ୟ ରୋପଣ କରାଯାଇଥିଲା। ଯୁକ୍ତ ୨ ଅଧ୍ୟକ୍ଷ ବସନ୍ତ ପ୍ରଧାନ, ତରିଚନ ନାୟକ, ନଳିନି ଦାଶ, ଯୁକ୍ତ ୩ ଅଧ୍ୟକ୍ଷ ଦ୍ୱାରିକା ବାଘ, ଅଧ୍ୟାପକ ଦିଲିପ ଲେଙ୍କା, ମକର ନାୟକ, ବିଶ୍ୱରଞ୍ଜନ ପଣ୍ଡା, ଏମପି ପ୍ରତିନିଧି ପ୍ରଶାନ୍ତ ପାରୀ, ରତ୍ନାକର ପୂଜାରୀ, ଗୋବିନ୍ଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ବୈଠକ

ପାପଡାହାଣ୍ଡି,୨୮।୮(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜଟାବାଲଠାରେ ଜିଲା ବିଜେଡି ସଭାପତି ପ୍ରହ୍ଲାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୩୧ ତାରିଖରେ ପାପଡାହାଣ୍ଡିର ଡାକବଙ୍ଗଳାରେ ବିଜେଡିର ଏକ ନିର୍ବାଚନ ପ୍ରସ୍ତୁତି ବୈଠକ ହେବ। ଏଥିରେ ବିଧାୟକ ସଞ୍ଜୟ ଦାସ ବର୍ମା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ପାପଡାହାଣ୍ଡି ସଭାପତି ବିଦ୍ୟାଧର ମଲ୍ଲିକ, ଡାବୁଗାଁ ସଭାପତି ସୁରି ମିଶ୍ର ଓ କୋଷାଗୁମୁଡା ସଭାପତି ଗୁପ୍ତ ପଟ୍ଟନାୟକ, ଜିଲା ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଶୋୟୀ ଉପସ୍ଥିତ ଥିଲେ।





ଆର୍ଥିକ ସହାୟତା ସଂଗ୍ରହ କରାଯାଉଛି ।

# କେରଳ ବନ୍ୟା ପୀଡ଼ିତଙ୍କୁ ସହାୟତା ପାଇଁ ପଦକ୍ଷେପ

ମାଲକାନଗିରି,୨୮।୮(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ବିଲିଭରର୍ସ ଇଷ୍ଟର୍ଣ୍ଣ ଚର୍ଚ୍ଚ ପକ୍ଷରୁ କେରଳ ବନ୍ୟା ପିଡିତଙ୍କୁ ସାହାଯ୍ୟ ପାଇଁ ଅର୍ଥ ସଂଗ୍ରହ କରାଯାଉଛି । ଚର୍ଚ୍ଚର ସଭାପତି ଶୈଳେନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ସଦସ୍ୟ ଗୌର ଅନୁଗୁଳିଆ, କୁମାରୀ ନାୟକ, ଏନାଶ ପାତ୍ର, ଗୋପୀନାଥ ମୁଦୁଲି ଓ ମାର୍ଥମା ପାତ୍ର ଅର୍ଥ ସଂଗ୍ରହ କରୁଛନ୍ତି । ଏହି ଦଳ ମାଲକାନଗିରି ଜିଲା ସଦର ମହକୁମାଠାରେ ପ୍ରତ୍ୟେକ ଦୋକାନ ଓ ପଥଚାରୀଙ୍କୁ କେରଳ ବନ୍ୟା ପିଡ଼ିତଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳୁଛି।

ଓଡିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janapath Bhubaneswar-751022
OFFICE OF THE G.M (ELECTRICAL), E.H.T (O&M) CIRCLE, JAJPUR ROAD
At: Qtr No. 4R/3, TTS Colony, PO: Sobra, Jajpur Road, Dist: Jajpur-755019(Odisha), Phone/Fax No: 06726-220965(off), E-mail: ehtm.cle.jjp@optcl.co.in
CIN:- U40102OR2004SGC007553

No. Tech-WO-25/1385 Dated 28.08.18

**TENDER CALL NOTICE No.-06/18-19**

Sealed tenders are invited in two parts from Electrical Contractor having valid HT/ EHT Electrical contract license, valid PAN, IT, GST Registration certificates for "Fixing & retrofitting of 220KV & 132KV section isolators at 220/132/33KV Grid Sub-Station, Duburi(Old) under EHT(O&M) Division, Jajpur Road. Cost of tender paper is Rs. 4,000/- + GST@12% = Rs. 4,480/-, EMD- 1% of the quoted price. Sale of tender documents is from Dated 30.08.2018 (From 10.30 A.M.) to Dated 15.09.2018 (upto 05.00 P.M.). Last date of submission of tender is Date 17.09.2018 upto 01.00 P.M. Date of opening of tender is Date 17.09.2018 at 3.30 P.M. For details visit our website www.optcl.co.in.
Corrigendum if any will be published in the OPTCL website only.
Sd./- General Manager (Elect), EHT (O&M) Circle, Jajpur Road

# ରାସ୍ତା, ପାଇପ ପାଣିରୁ ବଞ୍ଚିତ ମିରଗାନଗୁଡାବାସୀ

## ରାସ୍ତାରେ ଦବିଲା ଟ୍ରକ, ଯାତାୟାତ ବାଧାପ୍ରାପ୍ତ

ନବରଙ୍ଗପୁର,୨୮।୮(ବି.ପ୍ର.)-

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପଡାଗୁଡା ପଞ୍ଚାୟତ ଅଧୀନ ମିରଗାଗୁଡା ଗ୍ରାମକୁ ଯାତାୟାତ ପାଇଁ ଭଲ ରାସ୍ତା ଖଣ୍ଡେ ନ ଥିବା ବେଳେ ପାଇପ ପାଣିରୁ ଲୋକେ ବଞ୍ଚିତ ହୋଇଛନ୍ତି। ଲଗାଣ ବର୍ଷା ଯୋଗୁଁ ରାସ୍ତାଘାଟ କାଦୁଅ ପଚପଚ ହେବା ସହ ଖାଲଖମା ସୃଷ୍ଟି ହୋଇଛି। ନନ୍ଦାହାଣ୍ଡି ବ୍ଲକ ପଡାଗୁଡା ପଞ୍ଚାୟତ ଅଧିନ ମିରଗାଗୁଡା ରାସ୍ତାରେ ଏକ ଟ୍ରକ ମଙ୍ଗଳବାର ଦବି ଯାଇଛି। ଆନ୍ଧ୍ରରୁ ବିଭିନ୍ନ ଫଳ ବୃକ୍ଷ ଚାରା ନେଇ ଆସିଥିବା ଟ୍ରକଟି ଦବି ଯିବା ଫଳରେ ଗାଁ ଭିତରକୁ ଯାତାୟତ ସମସ୍ୟା ଦେଖା ଦେଇଛି। ଏହି ଗାଁ ନବରଙ୍ଗପୁର ସହରରକୁ ଲାଗି ରହିଛି । ସମସ୍ତ ଗାଁରେ ସିମେଣ୍ଟ କଂକ୍ରିଟ ରାସ୍ତା ହୋଇଥିଲେ ମଧ୍ୟ ଏହି ଗାଁ ପ୍ରତି ବ୍ଲକ ଓ ପଞ୍ଚାୟତ ପ୍ରଶାସନ ପକ୍ଷରୁ ଭଲ ରାସ୍ତା ଖଣ୍ଡେ ତିଆରି ହୋଇ ପାରିନାହିଁ। ଏପରିକି ଉପରମୁଣ୍ଡରେ ଥିବା ସାହି ବାସିନ୍ଦା ଓ ନୂଆ କଲୋନୀ ଗଢିଉଠିଥିବା ସାହିକୁ ପାଇପ ଯୋଗେ ପାନୀୟ ଜଳ ବ୍ୟବସ୍ଥା ରହିଛି । କିନ୍ତୁ ତଳ ସାହିଙ୍କୁ ପାଣି ଯୋଗାଣ ହୋଇ ପାରୁ ନାହିଁ। ଏହାର ମୁଖ୍ୟ କାରଣ ଉପର ସାହି ଓ କଲୋନୀରେ ବଡବଡିଆ ଓ ରାଜନୈତିକ ବ୍ୟକ୍ତି ବିଶେଷ ରହିଆସୁଥିବାରୁ ତଳ ଅଞ୍ଚଳକୁ ପାଣି ଯୋଗାଉ ନାହାନ୍ତି । ବର୍ଷା ଦିନେ ତଳ ଅଞ୍ଚଳର ଜନସାଧାରଣଙ୍କ ପାଇଁ କେବଳ ନଳକୂପ ପାଣି ହିଁ ଭରସା ସାଜିଛି । ଉନ୍ନତ ରାସ୍ତା, ପିଇବା ପାଣି ଓ ଡ୍ରେନ ନିର୍ମାଣ ପାଇଁ ଜନସାଧାରଣ ନନ୍ଦାହାଣ୍ଡି ବିଡିଓ, ଜିଲାପାଳ ଓ ଗ୍ରାମୀଣ ପାନୀୟ ଜଳଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଅଭିଯୋଗ କରି ସାରିଛନ୍ତି । ଦୁଇ ମାସ ବିତିଗଲାଣି ତଥାପି ଏହାର ଆଶୁ ସମାଧାନ ହୋଇ ପାରୁ ନାହିଁ । ଏନେଇ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଲେ ଆଇନର ଆଶ୍ରୟ ନେବେ ବୋଲି ଜଣାଇଛନ୍ତି।





ମିରଗାନଗୁଡା ଗାଁ ରାସ୍ତାରେ ଟ୍ରକ ଦବିଛି ।





**WORKS DEPARTMENT** No.416-B
**OFFICE OF THE SUPERINTENDING ENGINEER, EASTERN CIRCLE (R&B), BALASORE**
e-mail: - seec_bls@rediffmail.com
**Government of Odisha "e" Procurement Notice**
**Bid Identification No.SEEC-2/ 2018-19**

No- 6876 dt. 18.08.2017

| | | | |
|---|---|---|---|
| 1. | Nature of work | :- | Roads, Bridge & Building Works |
| 2. | Number of works | :- | 7 (Seven) Nos of works |
| 3. | Amount put to Tender | :- | Rs.125.25 Lakhs. to Rs. 385.82 Lakhs |
| 4. | Class of Contractor | :- | "B", "A" & "Special" Class. |
| 5. | Date & Time of availability of bid document in the portal | :- | Dt.29.08.2018 at 10.00 AM |
| 6. | Last Date / Time of receipt of bid in the portal | :- | Dt.12.09.2018 up to 05.00 PM |
| 7. | Date of opening of bid | :- | Dt.15.09.2018 at 4.00 PM |
| 8. | Name & address of the Office inviting bid | :- | Superintending Engineer, Eastern Circle (R&B), Balasore |
| 9 | The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only. | | |

Sd./- M.R. Patnaik
Superintending Engineer,
Eastern Circle (R&B), Balasore

34026/11/0002/1819

**ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁରୀ ପୌରସଂସ୍ଥା ତରଫରୁ ହାର୍ଦ୍ଦିକ ଅଭିନନ୍ଦନ।**

ତା. ୨୯.୦୮.୨୦୧୮

ପୌରସଦନ ଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତିଙ୍କ କରକମଳରେ ପରିମଳ କର୍ମଚାରୀଙ୍କୁ ଶାଢୀ, ପୋଷାକ, ସାବୁନ ଓ ମିଷ୍ଟାନ୍ନ ବଣ୍ଟନ।

ତା. ୩୦.୦୮.୨୦୧୮

ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତିଙ୍କ କରକମଳରେ ନିମ୍ନଲିଖିତ ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ।

| | ପ୍ରକଳ୍ପର ନାମ | ପ୍ରକଳ୍ପର ମୂଲ୍ୟ |
|---|---|---|
| | ବେହେରାସାହି କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ (ୱା.ନଂ.-୧) | ଟ. ୯,୧୧,୦୦୦.୦୦ |
| | ହରିଜନ ସାହି ପଛପାଖ ଶୌଚାଳୟ ଉଦ୍‌ଘାଟନ (ୱା.ନଂ.-୧) | ଟ.୫,୩୬,୦୦୦.୦୦ |
| | ମଙ୍ଗଳାଘାଟ କଲ୍ୟାଣ ମଣ୍ଡଳ ଶିଳାନ୍ୟାସ | ଟ. ୬୦,୬୬,୦୦୦.୦୦ |
| | ବିରଳା ଗେଷ୍ଟ ହାଉସ୍ ପାଖ ସୁଲଭ ଶୌଚାଳୟ ଉଦ୍‌ଘାଟନ | ଟ. ୧୫,୮୪,୦୦୦.୦୦ |
| | ମାଛ ମାର୍କେଟ ଶିଳାନ୍ୟାସ (ୱା.ନଂ.-୮) | ଟ. ୨୫,୯୮,୦୦୦.୦୦ |
| | ମୋଚିସାହି ଶୌଚାଳୟ ଉଦ୍‌ଘାଟନ | ଟ. ୧୧,୬୦,୦୦୦.୦୦ |
| | ଗାଡିଖାନା ଗ୍ୟାରେଜ୍ ଗୃହ ଉଦ୍‌ଘାଟନ | ଟ. ୯୯,୯୦,୦୦୦.୦୦ |

ପୌରସଦନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତିଙ୍କ କରକମଳରେ ବିଧବା ଭତ୍ତା/ ବାର୍ଦ୍ଧକ୍ୟ ଭତ୍ତା / ବିକଳାଙ୍ଗ ଭତ୍ତା/ ପରିବାର ମଙ୍ଗଳ ରାଶି ବଣ୍ଟନ।

ତା. ୩୧.୦୮.୨୦୧୮

ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତିଙ୍କ କରକମଳରେ ନିମ୍ନଲିଖିତ ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ।

| | ପ୍ରକଳ୍ପର ନାମ | ପ୍ରକଳ୍ପର ମୂଲ୍ୟ |
|---|---|---|
| (୧) | ନୂଆସାହି କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ (ୱା.ନଂ.-୨୬) | ଟ. ୨୫,୦୦,୦୦୦.୦୦ |
| (୨) | ସର୍ବୋଦୟ ନଗର କଲ୍ୟାଣ ମଣ୍ଡପ ଉଦ୍‌ଘାଟନ | ଟ. ୪୧,୦୦,୦୦୦.୦୦ |
| (୩) | ଚମାର ସାହି କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ (ୱା.ନଂ.-୩୦) | ଟ. ୧୮,୦୬,୦୦୦.୦୦ |
| (୪) | ଟିକରପଡା କମ୍ୟୁନିଟ୍ ସେଣ୍ଟର ଉଦ୍‌ଘାଟନ (ୱା.ନଂ-୩୦) | ଟ. ୧୬,୮୦,୦୦୦.୦୦ |
| (୫) | ପୁରୀ ପୌର କର୍ମଚାରୀ ସଂଘ ଗୃହ ସଂପ୍ରସାରଣ ଉଦ୍‌ଘାଟନ | ଟ. ୧,୭୭,୭୦୭.୦୦ |
| (୬) | ପୁରୀ ସୌରସଂସ୍ଥା ପକ୍ଷରୁ 'ଗୋ ଆମ୍ବୁଲାନ୍ସ' ଉଦ୍‌ଘାଟନ | |
| (୭) | ପୌରସଦନ ଠାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଘୂର୍ଣ୍ଣିୟ ପାଣ୍ଠି ବଣ୍ଟନ | |

ଆସନ୍ତୁ,
ଏକ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ସହର ଗଢିବା ପାଇଁ ହାତରେ ହାତ ମିଳାଇବା।

ସ୍ୱା./- ଶ୍ରୀଯୁକ୍ତ ଶ୍ରୀକାନ୍ତ ତରାଇ, ଓ.ପ୍ର.ସେ, କାର୍ଯ୍ୟନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା, ପୁରୀ
ସ୍ୱା./- ଶ୍ରୀମତୀ ଶାନ୍ତିଲତା ପ୍ରଧାନ, ଉପ ନଗରପାଳ, ପୁରୀ ପୌରସଂସ୍ଥା, ପୁରୀ
ସ୍ୱା./- ଶ୍ରୀଯୁକ୍ତ ଜୟନ୍ତ କୁମାର ଷଡଙ୍ଗୀ, ନଗରପାଳ, ପୁରୀ ପୌରସଂସ୍ଥା, ପୁରୀ

